# NATIONAL NEWS BULLETIN (ODIA)

## 17 April - 2026

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ନାରୀ ଶକ୍ତି ବନ୍ଦନ ଅଧିନିୟମ ସଂଶୋଧନକୁ ସମର୍ଥନ କରିବା ଲାଗି ସମସ୍ତ ସାଂସଦମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ନିବେଦନ ।
- ଦେଶରେ ସଂଘୀୟ ବ୍ୟବସ୍ଥାକୁ ସନ୍ତୁଳନ କରିବା ସହିତ ରାଜ୍ୟଗୁଡ଼ିକର କ୍ଷମତାକୁ ସୁ-ବ୍ୟବସ୍ଥିତ କରିବା ହେଉଛି କେନ୍ଦ୍ର ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ।

– ସଂସଦର ସ୍ୱତନ୍ତ୍ର ଅଧିବେଶନରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ମତବ୍ୟକ୍ତ ।

- ଦେଶରେ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି ଚଳିତ ବର୍ଷର ହଜ୍ ଯାତ୍ରା ।

ଏବଂ

- ଆଜିର ଆଇପିଏଲ୍ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ବିପକ୍ଷରେ ଟସ୍ ଜିତି କୋଲକାତା ନାଇଟ୍‌ରାଇଡର୍ସ୍‌ର ବ୍ୟାଟିଂ ନିଷ୍ପତ୍ତି ।

## ପିଏମ୍

ନାରୀ ଶକ୍ତି ବନ୍ଦନ ଅଧିନିୟମ ସଂଶୋଧନକୁ ପୂର୍ଣ୍ଣ ସମର୍ଥନ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମସ୍ତ ସାଂସଦଙ୍କୁ ନିବେଦନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଦେଶର ଲକ୍ଷ ଲକ୍ଷ ମହିଳାଙ୍କ ଦୃଷ୍ଟି ବର୍ତ୍ତମାନ ସଂସଦର ନିଷ୍ପତ୍ତି ଉପରେ କେନ୍ଦ୍ରୀଭୂତ ରହିଛି । ସଂସଦରେ ବର୍ତ୍ତମାନ ଏହି ଅଧିନିୟମର ସଂଶୋଧନ ଉପରେ ବିତର୍କ ଜାରି ରହିଛି । ଦେଶର ୫୦ ପ୍ରତିଶତ ଜନସାଧାରଣନିଜର ଅଧିକାର ପାଇବା ଲାଗି ସମୟ ଉପନୀତ ହୋଇଛି ବୋଲି ଶ୍ରୀ ମୋଦୀ କହିବା ସହିତ ଦେଶର ଶକ୍ତି ପ୍ରତି ସମ୍ମାନ ଜଣାଇବା ଲାଗି ଏହି ଅଧିନିୟମ ଆମଲାଗି ଏକ ବଡ଼ ସୁଯୋଗ ଆଣିଦେଇଛି ବୋଲି ମତବ୍ୟକ୍ତ କରିଛନ୍ତି ।

## ଲୋକସଭା-ଅମିତ ଶାହା

ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏକ ସଂଘୀୟ ସନ୍ତୁଳନ ସୃଷ୍ଟି କରିବା ଉପରେ ପ୍ରାଥମିକତା ଦେଇ କେନ୍ଦ୍ର ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି । ସଂସଦରେ

ଗତକାଲିଠାରୁ ଚାଲିଥିବା ନାରୀ ଶକ୍ତି ବନ୍ଦନ ଅଧିନିୟମ ସମ୍ପର୍କିତ ତିନି ଦିନିଆ ଆଲୋଚନାରେ ଭାଗ ନେଇ ଶ୍ରୀ ଶାହା ଏହା କହିଛନ୍ତି ।

ସେ କହିଛନ୍ତି, ରାଜ୍ୟଗୁଡ଼ିକର କ୍ଷମତାକୁ ସନ୍ତୁଳିତ କରିବା ହେଉଛି କେନ୍ଦ୍ର ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ । ଏଥିସହିତ ମହିଳା ନେତୃତ୍ୱାଧୀନ ବିକାଶ ଉପରେ ଗୁରୁତ୍ୱ ଦେଇ ସରକାର ଲୋକସଭା ଏବଂ ବିଭିନ୍ନ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳର ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ଲାଗି ୩୩ ପ୍ରତିଶତ ଆସନ ସଂରକ୍ଷଣ ରଖିବା ଲାଗି ଏଭଳି ପଦକ୍ଷେପ ଆରମ୍ଭ କରାଯାଇଛି ବୋଲି ଶ୍ରୀ ଶାହା କହିଛନ୍ତି । ସେ କହିଛନ୍ତି, ସଂସଦର ଚଳିତ ଅଧିବେଶନରେ ଏହି ପ୍ରସଙ୍ଗରେ ଏ ପର୍ଯ୍ୟନ୍ତ କହିବା ଲାଗି ୧୨୩ ଜଣ ସାଂସଦଙ୍କୁ ସୁଯୋଗ ଦିଆଯାଇଛି । ସେଥିମଧ୍ୟରୁ ୫୬ ଜଣ ମହିଳା ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ।

ସେ କହିଛନ୍ତି, ୧୯୭୬ ମସିହାରେ ଦେଶର ଜନସଂଖ୍ୟା ୫୪ ଦଶମିକ୍ ୭/୯ କୋଟି ଥିବା ବେଳେ ବର୍ତ୍ତମାନ ଏହା ୧୪୦ କୋଟି ଅତିକ୍ରମ କରିଛି । ୨୦୨୯ ମସିହାରେ ସାଧାରଣ ନିର୍ବାଚନରେ ଏହି ଆଇନ୍ ଲାଗୁ କରିବାକୁ ହେଲେ ବର୍ତ୍ତମାନଠାରୁ ଏହାର ପ୍ରସ୍ତୁତି ଆବଶ୍ୟକ ବୋଲି ଶ୍ରୀ ଶାହା କହିଛନ୍ତି ।

ଏତଦ୍‌ବ୍ୟତୀତ ମହିଳାମାନଙ୍କ ପାଇଁ ଏହି ସଂରକ୍ଷଣ ସହିତ ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ସମେତ ସମସ୍ତ କାର୍ଯ୍ୟ ସାମ୍ବିଧାନିକ

ବ୍ୟବସ୍ଥା ମଧ୍ୟରେ କରାଯାଉଛି ବୋଲି ଶ୍ରୀ ଶାହା ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି, ସୀମା ପୁନଃ ନିର୍ଦ୍ଧାରଣ କରାଯାଇପାରିଲେ ସଂସଦ ତଥା ବିଧାନସଭାଗୁଡ଼ିକରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ଲାଗି ଆସନ ସଂଖ୍ୟା ମଧ୍ୟ ବୃଦ୍ଧି ପାଇପାରିବ । ସେ କହିଛନ୍ତି, ଏ ସମ୍ପର୍କରେ ବିରୋଧିମାନଙ୍କ ପକ୍ଷରୁ କରାଯାଉଥିବା ପ୍ରତ୍ୟେକଟି ଅଭିଯୋଗର ସଠିକ୍ ଉତ୍ତର ସରକାରଙ୍କ ପକ୍ଷରୁ ଦିଆଯାଇଛି । ତେଣୁ ବିରୋଧି ଦଳମାନେ ଏ ପ୍ରସଙ୍ଗରେ ସରକାରଙ୍କ ଉପରେ ସମ୍ପୂର୍ଣ୍ଣ ଆସ୍ଥା ରଖିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅନୁରୋଧ କରିଛନ୍ତି ।

## ଏଲ୍ଏସ୍-ରାହୁଲ ଗାନ୍ଧି

ଏହି ଆଲୋଚନାରେ ଭାଗ ନେଇ ଲୋକସଭାରେ ବିରୋଧି ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧି କହିଛନ୍ତି, ନାରୀ ଶକ୍ତି ବନ୍ଦନ ଅଧିନିୟମ ମହିଳାଙ୍କ ଲାଗି ସଂରକ୍ଷଣ ବିଲ୍ ନୁହେଁ କିମ୍ବା ନାରୀ ସଶକ୍ତିକରଣ ଦିଗରେ ମଧ୍ୟ ଏହାର କୌଣସି ଭୂମିକା ନାହିଁ । ବରଂ ଦଳୀତ ଏବଂ ଅନ୍ୟାନ୍ୟ ପଛୁଆବର୍ଗର ଲୋକଙ୍କୁ ସମାଜରେ ନିଜର ଅଧିକାର ସହିତ ଜୀବନଯାପନ କରିବାରୁ ଏହି ବଞ୍ଚିତ କରିବ । ଦେଶରେ ଜାତିଭିତ୍ତିକ ଜନଗଣନାକୁ ଗୁରୁତ୍ୱହୀନ କରିବା ଲାଗି ଏହି ସଂରକ୍ଷଣ ବିଲ୍ ଅଣାଯାଇଛି ବୋଲି ଶ୍ରୀ ଗାନ୍ଧି ଅଭିଯୋଗ କରିଛନ୍ତି ।

ତେବେ ଶ୍ରୀ ଗାନ୍ଧିଙ୍କର ଭାଷଣରେ ସେ ବ୍ୟବହାର କରିଥିବା ଶବ୍ଦ ପ୍ରତି ଲୋକସଭା ବାଚସ୍ପତି ଓମ୍ ବିର୍ଲା ଆପତ୍ତି ଉଠାଇଥିଲେ । ଶ୍ରୀ ଗାନ୍ଧିଙ୍କର ଏହି ମନ୍ତବ୍ୟକୁ ନିନ୍ଦା କରିବା ସହିତ ଏଥିଲାଗି ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କ୍ଷମା ମାଗିବା ଲାଗି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଦାବି କରିଛନ୍ତି ।

## ଶିବରାଜ ଚୌହାନ-ଏମ୍‌ପି ଫାରମର୍ସ୍

ଚାଷୀଙ୍କ ସ୍ୱାର୍ଥକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ କେନ୍ଦ୍ର ସରକାର କାର୍ଯ୍ୟ କରୁଛନ୍ତି ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି । ଆଜି ମଧ୍ୟପ୍ରଦେଶରୁ ଆସିଥିବା କୃଷକମାନେ ନିମ୍ନମାନର ବିହନ ତଥା ଚାରା ଲାଗି ସେମାନେ ସହିଥିବା କ୍ଷତି ସମ୍ପର୍କରେ କୃଷି ମନ୍ତ୍ରୀଙ୍କୁ ନୂଆଦିଲ୍ଲୀଠାରେ ସାକ୍ଷାତ କରି ଅବଗତ କରାଇଛନ୍ତି । ସମ୍ପୃକ୍ତ ଚାଷୀମାନଙ୍କୁ ଆବଶ୍ୟକ ସହାୟତା ରାଶି ଯୋଗାଇଦେବା ସହିତ ଏଥିଲାଗି ଦୋଷୀ କମ୍ପାନୀ ବିରୁଦ୍ଧରେ ଦୃଢ଼ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଚାଷୀମାନଙ୍କ ପ୍ରତି କୌଣସି ପ୍ରକାର ଅନ୍ୟାୟ ବରଦାସ୍ତ କରାଯିବ ନାହିଁ ବୋଲି ଶ୍ରୀ ଚୌହାନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । କୃଷି ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ସମ୍ପୃକ୍ତ କମ୍ପାନୀ ବିରୁଦ୍ଧରେ ଇତିମଧ୍ୟରେ ମଧ୍ୟପ୍ରଦେଶର ଧର ଜିଲ୍ଲା ଅନ୍ତର୍ଗତ ମାନାୱାର୍

ପୋଲିସ୍ ଥାନାରେ ଏକ ଏଫ୍.ଆଇ.ଆର୍. ଦାଏର କରାଯାଇଛି ବୋଲି କୃଷି ଓ କୃଷକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ଜୟଶଙ୍କର-ୟୁକ୍ରେନ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ନୂଆଦିଲ୍ଲୀଠାରେ ୟୁକ୍ରେନ୍‌ର ଜାତୀୟ ସୁରକ୍ଷା ଏବଂ ପ୍ରତିରକ୍ଷା ପରିଷଦର ସଚିବ ରୁଷ୍ଟେମ୍ ଉମେରୋଭ୍‌ଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଡକ୍ଟର ଜୟଶଙ୍କର କହିଛନ୍ତି, ଏହି ଆଲୋଚନା ସମୟରେ ଭାରତ-ୟୁକ୍ରେନ୍ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ଦ୍ୱିପକ୍ଷିୟ ସହଯୋଗ ଉପରେ ଉଭୟ ନେତ ମତ ବିନିମୟ କରିଛନ୍ତି । ଏତଦ୍‌ବ୍ୟତୀତ ୟୁକ୍ରେନ୍ ଦ୍ୱନ୍ଦ୍ୱ ସମ୍ପର୍କିତ ପ୍ରସଙ୍ଗ ମଧ୍ୟ ଏହି ଆଲୋଚନାରେ ସ୍ଥାନ ପାଇଥିଲା ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

## ଏମ୍‌ଇଏ ବ୍ରିଫିଙ୍ଗ୍

ପଶ୍ଚିମ ଏସିଆରେ ଗତ ଫେବୃୟାରୀ ୨୮ ତାରିଖରୁ ଦେଖାଦେଇଥିବା ଦ୍ୱନ୍ଦ୍ୱ ପରିସ୍ଥିତି ମଧ୍ୟରେ ଏ ପର୍ଯ୍ୟନ୍ତ ୨ ହଜାର ୩୬୧

ଜଣ ଭାରତୀୟଙ୍କୁ ସୁରକ୍ଷିତ ଭାବେ ଇରାନ୍‌ରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରାଯାଇଛି । ଆଜି ଅପରାହ୍ଣରେ ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ସେମାନଙ୍କ ମଧ୍ୟରୁ ୨ହଜାର ୬୦ ଜଣଙ୍କୁ ଆର୍ମେନିଆ ଏବଂ ୩୦୧ ଜଣଙ୍କୁ ଆଜାରବୈଜାନ୍ ଦେଇ ଭାରତ ଅଣାଯାଇଛି ।

ଇସ୍ରାଏଲ୍-ଲେବାନନ ମଧ୍ୟରେ ଅସ୍ତ୍ରବିରତି ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଜୟସ୍ୱାଲ କହିଛନ୍ତି, ଭାରତ ଏହାକୁ ସ୍ୱାଗତ କରୁଛି । ଶାନ୍ତି ପ୍ରତିଷ୍ଠା ଦିଗରେ ନିଆଯାଉଥିବା ପ୍ରତ୍ୟେକ ପଦକ୍ଷେପକୁ ଭାରତ ସ୍ୱାଗତ କରେ ବୋଲି ସେ କହିଛନ୍ତି ।

ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଜୟସ୍ୱାଲ କହିଛନ୍ତି, ଭାରତ ପକ୍ଷରୁ ବାଂଲାଦେଶକୁ ଗତ ମାର୍ଚ୍ଚ ମାସରେ ୨୨ ହଜାର ମେଟ୍ରିକ୍ ଟନ୍‌ର ହାଇସ୍ପିଡ୍ ଡିଜେଲ୍ ଏବଂ ୩୮ ହଜାର ମେଟ୍ରିକ୍ ଟନ୍ ପେଟ୍ରୋଲିୟମ୍ ଜାତ ଉତ୍ପାଦ ଯୋଗାଇ ଦିଆଯାଇଛି ।

# ଟ୍ରମ୍ପ-ଇରାନ୍ ସିଜ୍‌ଫାୟାର୍

ଇରାନ୍ ସହିତ ଚାଲିଥିବ ଯୁଦ୍ଧର ଖୁବ୍ ଶୀଘ୍ର ସମାପ୍ତ ହେବାର ସମ୍ଭାବନା ରହିଛି ଓ ଏ ନେଇ ଖୁବ୍ ଶୀଘ୍ର ଏକ ରାଜିନାମା ସ୍ୱାକ୍ଷରିତ ହୋଇପାରେ ବୋଲି ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି । ତେବେ ଏହି ରାଜିନାମା କେବେ ସ୍ୱାକ୍ଷରିତ ହେବ ଏହାର ଅବଧି ସମ୍ପର୍କରେ ଶ୍ରୀ ଟ୍ରମ୍ପ୍ କୌଣସି ସୂଚନା ଦେଇନାହାନ୍ତି । ସେ କହିଛନ୍ତି, ବର୍ତ୍ତମାନ ଦୁଇ ଦେଶ ମଧ୍ୟରେ ଦୁଇ ସପ୍ତାହ ଅବଧିର ଅସ୍ତ୍ରବିରତି ଜାରି ରହିଛି ।ଏହା ଆସନ୍ତା ସପ୍ତାହରେ ଶେଷ ହେବ ।

ଅପର ପକ୍ଷରେ ଇରାନ୍‌ର ଉପ-ବୈଦେଶିକ ମନ୍ତ୍ରୀ ସଇଦ୍ ଖାତିବ୍‌ଜାଧେ କହିଛନ୍ତି, ପଶ୍ଚିମ ଏସିଆରେ ଦେଖାଦେଇଥିବା ଦ୍ୱନ୍ଦ୍ୱର ସ୍ଥାୟୀ ସମାଧାନ ଲାଗି ଏକ ସମନ୍ୱିତ ପ୍ରସ୍ତାବ ଉପରେ ଇରାନ୍ ଗୁରୁତ୍ୱ ଦେଇଆସୁଛି । ତୁର୍କିଠାରେ ଚାଲିଥିବା ଅନ୍ତାଲ୍ୟା କୂଟନୀତି ବୈଠକ ଅବସରରେ ଶ୍ରୀ ଖାତିବ୍‌ଜାଧେ ସାମ୍ବାଦିକମାନଙ୍କୁ କହିଛନ୍ତି, ସମ୍ପୃକ୍ତ ଅଞ୍ଚଳରେ ଅମେରିକା ଏବଂ ଇସ୍ରାଏଲ୍ ପକ୍ଷରୁ ଅସ୍ଥିରତା ସୃଷ୍ଟି କରାଯାଉଛି । ଏହାଦ୍ୱାରା ବିଶ୍ୱ ସ୍ତରରେ ବାଣିଜ୍ୟ ଓ ଅର୍ଥନୀତି ଉପରେ ନକାରାତ୍ମକ ପ୍ରଭାବ ପଡୁଛି ବୋଲି ସେ କହିଛନ୍ତି ।

## ହଜ୍

ଚଳିତ ବର୍ଷ ଲାଗି ଭାରତରୁ ହଜ୍ ଯାତ୍ରା ଆସନ୍ତାକାଲିଠାରୁ ଆରମ୍ଭ ହେବ । ପ୍ରଥମ ପର୍ଯ୍ୟାୟ ଶ୍ରଦ୍ଧାଳୁ ଦେଶର ବିଭିନ୍ନ ସ୍ଥାନରୁ ସାଉଦି ଆରବ ଅଭିମୁଖେ ଯାତ୍ରା କରିବେ । ସଂଖ୍ୟାଲଘୁ ସମ୍ପ୍ରଦାୟ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ୧ ଲକ୍ଷ ୭୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଚଳିତଥର ଏହି ପବିତ୍ର ହଜ୍ ଯାତ୍ରାରେ ସାମିଲ ହେବାର ଆଶା କରାଯାଉଛି । ହଜ୍ ଯାତ୍ରୀମାନେ ଯେଭଳି ଏକ ସୁରକ୍ଷିତ, ସୁଗମ ଯାତ୍ରାର ଅଭିଜ୍ଞତା ପାଇପାରିବେ ସେ ଦିଗରେ ସରକାର ବଦ୍ଧପରିକର ଏବଂ ଆବଶ୍ୟକ ପଦକ୍ଷେପ ନେଇଛନ୍ତି ବୋଲି ସଂଖ୍ୟାଲଘୁ ସମ୍ପ୍ରଦାୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି । ଏଥିସହିତ ଶ୍ରୀ ରିଜିଜୁ ସମସ୍ତ ହଜ୍ ଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ୱେଷ୍ଟଏସିଆ-ବ୍ରିଫିଂ

ପଶ୍ଚିମ ଏସିଆର ସାମ୍ପ୍ରତିକ ଦ୍ୱନ୍ଦ୍ୱ ସତ୍ତ୍ୱେ ଦେଶରେ ଘରୋଇ ଏଲ୍.ପି.ଜି. ଯୋଗାଣ ସ୍ଥିର ରହିଛି । ଆଜି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଆନ୍ତଃ ମନ୍ତ୍ରଣାଳୟ ସାମ୍ବାଦିକ ସମ୍ମିଳନୀରେ ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା ଏହା କହିଛନ୍ତି । ସେ

କହିଛନ୍ତି, କେବଳ ଗତକାଲି ଦେଶ ବ୍ୟାପି ପ୍ରାୟ ୫୦ ଲକ୍ଷ ଘରୋଇ ଏବଂ ୮ ହଜାର ୨୦୦ ଟନ୍ ବ୍ୟାବସାୟିକ ଏଲ୍.ପି.ଜି. ସିଲିଣ୍ଡର ବଣ୍ଟନ କରାଯାଇଛି । ବର୍ତ୍ତମାନ ପ୍ରାୟ ୯୮ ପ୍ରତିାତ ଏଲ୍.ପି.ଜି. ବୁକିଂ ଅନ୍‌ଲାଇନ୍‌ରେ କରାଯାଉଥିବା ବେଳେ କୋଡ୍ ମେକାଜିମ୍ ଦ୍ୱାରା ୯୩ ପ୍ରତିଶତ ଏଲ୍‌ପିଜି ଯୋଗାଇ ଦିଆଯାଉଛି ।

**VO-SUJATA-SHARMA**

# ଝାଡ଼ଖଣ୍ଡ ମାଓଇଷ୍ଟ କିଲ୍ଡ

ଝାଡ଼ଖଣ୍ଡର ହଜାରିବାଗ୍ ଜିଲ୍ଲା ଅନ୍ତର୍ଗତ ପିପାର୍‌ୱାର୍-କେରେଦାରି ସୀମାଞ୍ଚଳରେ ସୁରକ୍ଷା କର୍ମୀଙ୍କ ସହ ଗୁଳିବିନିମୟ ସମୟରେ ୪ ଜଣ ମାଓବାଦୀଙ୍କର ମୃତ୍ୟୁ ହୋଇଛି । ମୃତକ ମାଓବାଦୀଙ୍କ ମଧ୍ୟରେ ସବ୍-ଜୋନାଲ୍ କମାଣ୍ଡର ସହଦେବ ମହାତୋ ଅନ୍ତର୍ଭୁକ୍ତ । ମହାତୋଙ୍କ ଲାଗି ୧୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା । କୋବ୍ରା ବାଟାଲିୟନ୍ ଏବଂ ଜିଲ୍ଲା ପୁଲିସ୍ ପକ୍ଷରୁ କରାଯାଇଥିବା ଏହି ମିଳିତ ଅପରେସନ୍ ସମୟରେ ସମ୍ପୃକ୍ତ ସ୍ଥାନରୁ ବହୁ ପରିମାଣରେ ଅସ୍ତ୍ରଶସ୍ତ୍ର ଏବଂ ମାଓବାଦୀ କାର୍ଯ୍ୟ ଜନିତ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି । ଅନ୍ୟ ମୃତକ ମାଓବାଦୀଙ୍କର ଚିହ୍ନଟ ପ୍ରକ୍ରିୟା ଜାରି ରହିଛି ବୋଲି ଛାତ୍ରା ପୁଲିସ୍ ଅଧିକ୍ଷକ ସୁମିତ ଅଗ୍ରୱାଲ କହିଛନ୍ତି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଉ ଅଳ୍ପ ସମୟ ପରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ କୋଲ୍‌କାତା ନାଇଟ୍ ରାଇଡର୍ସ ଏବଂ ଗୁଜରାଟ ଟାଇଟାନ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଟସ୍ ଜିତି କୋଲକାତା ନାଇଟ୍‌ରାଇଡର୍ସ୍ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି ।